ଜତୁ ଗୃହ ନିର୍ମାଣ ଓ ଭୀମର ବିଷ ଲଡୁ ଭକ୍ଷଣ
ବଦୟନ୍ତି ଅଗସ୍ତି ଶୁଣ ବଇବସୁତ ମନୁ
କୂଟ ଉପାୟେ ପାଞ୍ଚୁ ଅଛି ଧୃତରାଷ୍ଟ୍ରର ତନୁ ।୧ ।
ଦ୍ରିଯୋଧନ କର୍ଣ୍ଣ ଶଙ୍କୁନି ଅଶସ୍ତମା
ବାରୁଣାବନ୍ତେ ବସି  ଭାଳନ୍ତି ମହାତମା ।୨ ।
----------------------------

{ ନିଜେ କ୍ଷିଦ୍ର ନ ଛାଡଇ ଦ୍ରିଯୋଧନ ମନୁ
୧ { କୂଟ କପଟ କରୁଅଛି ଧୃତରାଷ୍ଟ୍ର ତନୁ ।
" ବଦୟନ୍ତି ଅଗସ୍ତି ଶୁଣ ବଇବସୁତ ମନୁ" ପାଠ ପରେ ଦୁଇଗୋଟି ପୋଥିରେ ଅଧିକ ପାଠ-
ବଦୟନ୍ତି ଅଗସ୍ତି ଶୁଣ ବଇବସୁତ ମନୁ
ଇନ୍ଦ୍ରକୁ ସୁମରଣା କଲେ ପରମହିତ ଗ୍ୟାନୁ ।
ଦ୍ରିଯୋଧନ ଅତିଅନ୍ତ ବହୁତ ଜିଂଘାସିଲା
ଭୋ ପିତା କେମନ୍ତେ ଯେଥୁଂ ପାର ହୋଇବୁ ବୋଇଲା ।
ଇନ୍ଦ୍ର ସପକ୍ଷ ହୋଇ ଚିତ୍ରସେନକୁ ପଠିଆଇ
ଦ୍ରିଯୋଧନକୁ ବାନ୍ଧି ଆଣରେ ସ୍ୱର୍ଗକଇଂ ।
ଆଗ୍ୟାଂ ପରମାଣେ ଚିତ୍ରସେନ ଗଲା
ମଢଫୁଲି ଠାରୁ ଦ୍ରିଯୋଧନକୁ ବାନ୍ଧି ନେଲା ।
ଶୂନ୍ୟ ରଥରେ ପକାଇ ନେଲା ଦ୍ରିଯୋଧନ
ଆକାଶକୁ ନିଅନ୍ତେ ଉଛବ ହୋୟେ ମନ ।
ତୁଳମାସ କୃଷ୍ଣପକ୍ଷ ଦ୍ୱିତୀୟାର ତିଥି
ବନସ୍ତେ ଥାଇ ଭାଳଇ ମାନ ଚକ୍ରବ୍ରତୀ ।୩ ।
ଆହୋ ପୁରୋତନ ନାମେ ୟୋକଇ ଦ୍ୱିଜବର
ୟେକା ହୋଇଥାଇ ବ୍ରାହ୍ମଣ ବନସ୍ତ ଭିତର ।୪ ।
ପୂର୍ବ ଅଭିଶାପରୁ ଅଷ୍ଟରୁ ୟେକ ବସୁ
ଶାପ ଅନୁମତୁଂ ୟେ ବୁଲାଇ ବନ କନ୍ଦର ଦେଶୁ ।୫ ।
--------------------------------

ହସ୍ତିନା ରାଜ୍ୟଯାକ ଚମତକାର ପଡିଲା
ଦ୍ରିଯୋଧନ ରାଜାକୁ ଶୂନ୍ୟ ପୁରୁଷ ହରି ନେଲା ।
ୟୁଝେଷ୍ଠି ଦେବଙ୍କୁ କହିଲେ ଅରଜୁନ
ଆମ୍ଭ ଅପମାନେ ଦ୍ରିଯୋଧନକୁ ନେଲା ଚିତ୍ରସେନ ।
ଶୁଣିଣ ୟୁଝେଷ୍ଠି ଦେବ ବିଚାରିଲେ
ଆରେ ଅର୍ଜୁନ ତୁ ସାଧ୍ୟ କର ଭଲେ ।
ନୋହିଲେ ମୁହିଂ ମରିବିଟି ତୋହୋର ଯେ ଆଗେ
ନ ମରଇଂ ବୋଲି ବାସୁଦେବଙ୍କ ରାଣ କହିଲି ମୁହିଂ ୟେବେ ।
ଶୁଣିଣ ଅର୍ଜୁନ ଯେ ନାରାଜ ପ୍ରହାରିଲା
ଶରପଥ କରି ସେ ବାଟ ନିରୋଧିଲା ।
ବାଟ ନ ପାଇଣ ସେ ଚିତ୍ରସେନ ଗନ୍ଧର୍ବ
ରଥ ନ ଚଳିଲା ସେ ରହିଲା ଶୂନ୍ୟ ଠାବ ।
ବୋଲଇ ଗନ୍ଧର୍ବ ସେ କଲଇଂ ଭଲ କୃତ
ଗଞ୍ଜିଣ ଅପମାନ ବଚନ କହିଲା ପାଣ୍ଡବନ୍ତ ।
ପାଣ୍ଡଙ୍କର ହିତରେ ମୁଂ ଆଣିଲଇଂ ଧରି
ୟେ ହେଥୁ ନ ବିଚାରି ମୋତେ ପଥ ନିରୋଧନା କରି ।
କେମନ୍ତ କରି ସେ ଦ୍ରିଯୋଧନକୁ ରଖନ୍ତି
ଦେଖିବା ପାଣ୍ଡବଙ୍କର ବଳ ଶଉର୍ଯ୍ୟ ଯେ ମତି ।

ଯେତେ ବିଚାରି ଗନ୍ଧର୍ବ ପକାଇ ଦେଲା ଭୂମିଗତ
ଶରେ ସାଗର କରି ବାନ୍ଧି ଆଣିଲା ବୀର ପାଥ ।
ଦ୍ରିଯୋଧନକୁ ସେ ଯେ କୋପେଣ ଛାଡି ଦିଲା
ରଥ ରଖ ଅର୍ଜୁନ ବୋଲି ଦ୍ରିଯୋଧନ ଶୂନ୍ୟରେ ଡାକ ଦିଲା ।
ତୁଳା ପଟ ପ୍ରାୟେ ଆସି ନବରେ ପଡିଲା ।

ପୂର୍ବ ଅନୁକର୍ମରେ ୟେ ବନ ପର୍ବତେ ଅଛନ୍ତି ବସି
ପୁରୋଚନ ପଣ୍ଡାୟେ ସନ୍ନିଧ୍ୟେ ହୋଇଲେକ ଆସି ।୬ ।
ଧାର୍ମିକ ବିବେକ ବେଦ ଶାହାସ୍ରେଣ ନିର୍ଜିତା
ବେଦ ଆଧ୍ୟାନ ସେ କରଇ ବ୍ରାହ୍ମଣ ମହତା ।୭ ।
କର୍ଣ୍ଣ ପଚାରିଲେ ତୁମ୍ଭେ କାହିଂର ପଣ୍ଡା ହେ
ବନସ୍ତେ ଭ୍ରମୁଅଛ ହୋଇଣ ନିର୍ଭୟେ ।୮ ।
ବ୍ୟାଘ୍ର ଭାଲୁକେଣ ତୁମ୍ଭେ ନ କର କି ଶଙ୍କା
ୟେ ଘୋର ବନସ୍ତେ ତୁମ୍ଭେ ବୁଲ କିଂପେ ୟେକା ।୯ ।
ପୁରୋଚନ ବୋଇଲା ତୁମ୍ଭେ କାହିଂର ନରପତି
ହତ ରାଜ୍ୟ ପ୍ରାୟେ ତୁମ୍ଭର ଭାଳୁଣି ଯେ ମତି ।୧୦ ।
କର୍ଣ୍ଣ ବୋଇଲେ ତିମ୍ଭେ ଶୁଣ ହୋ ଦ୍ଵିଜବର
ପଞ୍ଚୁ କଟକେ ଆଧିପତି ୟେ ଦ୍ରିଯୋଧନ ମହାବୀର ।୧୧ ।
ୟେହାର ବଡ କଷ୍ଟ ଶତ୍ରୁର ଉପଦର୍ପେ
ଅନେକ ବିଷରଇ ରାଜା ବଇରି ମତ୍ତ ଗର୍ବେ ।୧୨ ।
-----------------------------
ତକ୍ଷଣେ ଉଠାଇ ଆଣିଲା ଫାଲଗୁନି
ବୋଇଲା ଅର୍ଜୁନରେ ବର ମାଗ ୟେହିକ୍ଷଣି ।
ବୋଇଲା କି ବର ମୁକୁଇ ଦେବୁ ମାଗିବି ତୋତେ
ତୋହୋର ଅନର୍ଘ୍ୟ ମୁକୁଟ ଯେବେ ଦେବୁ ମତେ ।
ସତ୍ୟ ସତ୍ୟ ବୋଇଲା ଦେବୀ ଦ୍ରିଯୋଧନ
ଯେତେବେଳେ ମାଗିବୁ ସତ୍ୟ ୟେ ବଚନ ।
ସତ୍ୟ ମନାଇ ଚଳିଲା ଧର୍ମ ଦେବ
ଆପଣା ଶତ୍ରୁକୁ ପର ମାରୁଥିଲେ ତହିଂକି କଲେ କ୍ରୋଧ ।
ଅଣାକାର ପୁରୁଷ ଛଳ ସ୍ନେହ ନାହିଂ
ରେ ରେ କାର ବଚନ କରି କ୍ରୋଧ ଯେ କରଇ ।
ୟେମାନ ସହିବାରେ ପୁଣ ସ୍ଵର୍ଗଗାମୀ ହୋଇବେ
ସେହି ଶରୀର ଘେନି ସେ ସ୍ଵର୍ଗକୁ ଚଳି ଯିବେ ।
ଶୁଣ ହେ ସୁଗମ୍ୟ ଜନ ଯୁଝେଷ୍ଠିଙ୍କର ମହିମା
ଶତ୍ରୁ ମରନ୍ତେ ନାଶ କରାଇ ଆପଣା ନିଜ ଆତ୍ମା ।
୬ ।୧ ଆହୋ ଦ୍ରିଯୋଧନ ମୂଳେ ଦୁଷ୍ଟେ ପର୍ବତେ ଛନ୍ତି ବସି ।
୯ ।୨ ୟେକାକୀ ଆସୁ ଅଛନ୍ତି ବନସ୍ତ ଭିତରେ ।

ବିଚକ୍ଷଣ ବିବେକ ଧାର୍ମିକ ମହାରାୟେ
କେତେକ ଶତ୍ରୁ ସେ ତାହାକୁ ତୋହୋର ୟେତେକ ଭୟେ ।୧୩ ।
ରଥ ଗଜ ଅଶ୍ଵ ପାଦାନ୍ତି ବଳ ତାର କେତେ
ସର୍ବେ ମାଆ ରାଣ୍ଡ ପାଞ୍ଚ ଗୋଟି ପୁତ୍ରେ ।୧୪ ।
ପୁରୋଚନ ବୋଇଲା ୟେତେକ ଛାରକୁ
ବେଢିଣ ମାରି କି ହୋ ନ ପାରିଲା ତାହାକୁ ।୧୫ ।
ଦ୍ରିଯୋଧନ ବୋଇଲା ତାଙ୍କୁ ପ୍ରାକର୍ମେ ନୋହୁ ସରୀ

ଯୁଦ୍ଧେଣ ବଳବନ୍ତା ପ୍ରାକର୍ମେ କେଶରୀ ।୧୬ ।
ପୁରୋଚନ ବୋଇଲା ମୋହୋର ଅଛି ନି ଉପାୟେ
ମୁହିଂ ତାହା ନାଶ କରି ପାରଇ କୁରୁରାୟେ ।୧୭ ।
ୟେମନ୍ତ ଶତ୍ରୁ ସେ ତୁମ୍ଭର ତାହାକୁ ୟେତେ ଭୟେ
ଯାହା କହିବି ମୁଂ କରିବି କଥାୟେ ।୧୮ ।
ଗ୍ରାମ ଗୋଟିୟେ ମାତ୍ରକ ତୁ ତାହାକୁ ଛାଡିବୁ
ଜଉ ସଜଳସ ଗୁଆଘୃତ ଛଣପଟ ମୋତେ ଦେବୁ ।୧୯ ।
ଜଦୁର ଘରେକ ମୁଂ ଭିଆଇବି କୁଟେ
ଜଉ ସଜଳସ ଗୁଆଘୃତ ଛଣପଟେ ।୨୦ ।
ଆହୋ ପାଣ୍ଡବନ୍ତ ରୁହାଇବୁ ସେ ଘରରେ ଆଣି
ନିଦ୍ରା କାଳେଣ ଜାଳି ଦେବଇଂ ମୁହିଂ ୟେ ରୟେଣୀ ।୨୧ ।
ଜଦୁର ଘରେ ଦହନ ହୋଇବେ ପଞ୍ଚୁ ବୀରେ
ୟେକାଙ୍ଗ ରାଜା ତୁ ହୋଇବୁ ପଞ୍ଚୁ କଟକରେ ।୨୨ ।
ଶୁଣିଣ ପରମ ସାନନ୍ଦ ହୋଇଲା କୁରୁପତି
ବ୍ରାହ୍ମଣକଇଂ ସମ୍ଭାଳିଲା ଅନେକ କରି ପ୍ରୀତି ।୨୩ ।
ବୋଇଲା ୟେହି ବାରୁଣାବନ୍ତ କଟକ ଯେ ମୋହୋର ରାଜ୍ୟ
ତୋହୋର ଆଗ୍ୟାଂହେ ୟେହା ଛାଡିଲି ହୋ ଦ୍ୱିଜ ।୨୪ ।
ଅନେକ ରତ୍ନ ଦେଇ ସେ କଲାକ ଗଉରୋବ
ଆତ୍ମାହୁଂ ଅଧିକ ସେ ହୋଇଲା ପ୍ରିୟ ଭାବ ।୨୫ ।
ଜଉ ସଜଳସ ଗୁଆଘୃତ ଛଣପଟ
ୟେ ଚାରିଙ୍କିଂ ମର୍ଦ୍ଦି ପୁରେକ ନିର୍ମିତ କଲା କୁଟ ଯେ କପଟ ।୨୬ ।

ବିଚିତ୍ର ଲେଖନ ଉପରେ ନିର୍ବାଣି
ଲମ୍ବନ୍ତି ଅଷ୍ଟ ରତ୍ନେ ମୁକୁତା ଝରାମଣି ।୨୭ ।
କାଛ ଚାଳ ସେ ରୁଅ ବତା ଆଦି କରି
ଜଉ ସଜଳସ ଗୁଆଘୃତ ଛଣପଟେ ଜଡି ।୨୮ ।
ଭିତରେଣ ସମାନ ଉପରେ ବିଚିତ୍ର କମ
ଝଲକନ୍ତି ମଣି ରତ୍ନ ଚିରାଳ ଉତ୍ତମ ।୨୯ ।
ସୁବର୍ଣ୍ଣର କଳସ ଯେ ବସାଇ ଉପରେ
ପୁର ନିର୍ବାଣ କଲା ବ୍ରାହ୍ମଣ ପାଞ୍ଚ ବରଷରେ ।୩୦ ।
ୟୁଝେଷ୍ଠିଙ୍କିଂ ହକାରୀ ଯେ ବୋଇଲେ ଧୃତରାଷ୍ଟ୍ରେ
ବାବୁ ତୋହୋର ଥିବା ନ ଯୋଗାଇ ହସ୍ତିନା କଟକେ ।୩୧ ।
ବାବୁ ଭୀମସେନ ଦ୍ରିଯୋଧନ ହୋଇଲେ ଅନେକ ଅପ୍ରୀତି
ଦ୍ୱନ୍ଦ ହୋଇବ ବାବୁ ନ ରହ ତୁ ୟେଥି ।୩୨ ।
ତୁମ୍ଭନ୍ତ ଛାଡିଲୁ କଟକ ବାରୁମାବନ୍ତେ
ସୁଖେଣ ରାଜ୍ୟ ଭୋଗ କର ପଞ୍ଚୁ ଭ୍ରାତେ ।୩୩ ।
ୟୁଝେଷ୍ଠି ବୋଇଲେ ଆମ୍ଭେ ଆଦ୍ୟହୁଂ ବନଚର
ଜନ୍ମହୁଂ ବଢିଲୁ ଆମ୍ଭେ ଶତଶିଂଗ ପର୍ବତର ।୩୪ ।
ୟେ ତୋହୋର ଆଗ୍ୟାଂ ଶିରେ ଧରି ମାନୁ ଆମ୍ଭେ ପଞ୍ଚୁ ଭ୍ରାଥେ
ବାରୁଣାବନ୍ତ ରାଇଜେ ତାତ ରହିବୁ ନିଷ୍ଚିନ୍ତେ ।୩୫ ।
ଧୃତରାଷ୍ଟ୍ରର ଆଗ୍ୟାଂ ଶିରେ ନିରାଧାରା କରି
ଶୁଭ ଅନକୁଳ ଯୋଗ ଲଗ୍ନ ଯେ ବିଚାରି ।୩୬ ।
ମାର୍ଗଶୀର କଷ୍ଣପକ୍ଷ ପ୍ରତିପଦା ଚନ୍ଦ୍ରବାର
ବୃଷରାଶିକୁ ଭୋଗ ଯେ ଅଟଇ ସେ ଦିନର ।୩୭ ।
ତୈତିଳ ନାମେ କରଣ ଶିବ ନାମେ ଯୋଗ

ତାର ଚନ୍ଦ୍ର ବଳ ଶଶୀ ରୋହିଣୀ ଘରେ ଭୋଗ ।୩୮ ।
ୟେସନେକ ଶୁଦ୍ଧ ଶୁଭ ଯୋଗ ଅନକୂଳେ
ବାରୁଣାବନ୍ତକୁ ଅନକୂଳ କଲେ ଶୁଭଲଗ୍ନ ବେଳେ ।୩୯ ।
ଯୁଝେଷ୍ଠି ଭୀମ ଅର୍ଜୁନ ନକୁଳ ସହଦେବ
କୋଇନ୍ତାକୁ ଘେନି ଚଳିଲେ ପଞ୍ଚୁ ଯେ ପାଣ୍ଡବ ।୪୦ ।
ପ୍ରବେଶ ଯୁଝେଷ୍ଠି ଯାଇ ବାରୁଣାବନ୍ତ ପ୍ରଶସ୍ତେ
ଜଦୁର ଘର ଦ୍ୱାରେ ଯେ ରହିଲେ ପଞ୍ଚୁ ଭ୍ରାଥେ ।୪୧ ।
ଦେଖନ୍ତି ଭୁବନ ଯେ ଅତି ପରିମଳ
ସୁବର୍ଣ୍ଣର କଳସ ଯେ ବସଇ ଝଳହଳ ।୪୨ ।
ଚଉଂରୀ ନବର ବିସ୍ତାର ଭିଆଣ ସାତପୁର
ଖଞ୍ଜିତ ରତ୍ନ ମଣି ମାଣିକ୍ୟ ବିସ୍ତାର ।୪୩ ।
ସୁବର୍ଣ୍ଣର ପାତିଆ ଯେ ଉପରେ ଛାୟେଣୀ
ମରକତ ବଇଡୁର୍ଯ୍ୟ ଗଜଦନ୍ତ ଶୁଦ୍ଧମଣି ।୪୪ ।
ପୀଢାର ଉପରେଣ ମାଣିକ୍ୟ ପୁଞ୍ଜୀ ପୁଞ୍ଜୀ
ବାଳ ଆଦିତ୍ୟର ତେଜ ପ୍ରଭାତେଣ ଗଞ୍ଜି ।୪୫ ।
ପୀଢାର ଉପରେଣ ନିର୍ବାଣ ଯେ ଅଷ୍ଟରତ୍ନ କମ
ଦେଖିଣ ଅନେକ ଉଷତ ଯେ ହୋଇଲେ ବୀର ଭୀମ ।୪୬ ।
ଭୀମସେନ ବୋଇଲେ ୟେ ବଡ ସୁସଞ୍ଚ ଭୁବନ ଗୋଟି
ବାରସ୍ୱତୀ ଭୁବନ ଜାଣି ତେଜ ୟେହାର ଫୁଟି ।୪୭ ।
ଯୁଝେଷ୍ଠି ବୋଇଲେ ବାବୁ ଭିତରେଣ ପଶ
କେମନ୍ତ ସରୂପ ତାହା ତୁ ବିଚାରିଣ ଆସ ।୪୮ ।
ଯୁଝେଷ୍ଠିଙ୍କ ଆଗ୍ୟାଂ ପ୍ରମାଣେ ମାରୁତି
ଜଦୁର ଘର ଭିତରେ ପଶିଲା ତତକ୍ଷଣାନ୍ତି ।୪୯ ।
କଣୟ ପତ୍ର ରସାଣି ଅନେକ ରତ୍ନ ଖଞ୍ଜି
କି ଅବା ବାରାନିଧି ଘେନି ଲକ୍ଷ୍ମୀ ୟେଥି ଭଜି ।୫୦ ।
ଭୀମସେନ ବୋଇଲା ସ୍ୱାମୀ ଶୁଣ ରାଜଦେବ
ୟେତେ ଦୟା କିଂପେ କଲା ମାନଗୋବିନ୍ଦ କେଉଂଣ ପ୍ରସ୍ତାବ ।୫୧ ।
ୟେ ମଧ୍ୟ ସ୍ୱର୍ଗରେଣ ୟେମନ୍ତ ଦେଖିଲା ମୋର ନାହିଂ
ମୁହିଂ ଆଶ୍ରିଜ ହୋଇଲେ ୟେ ପୁରକଇଂ ଚାହିଂ ।୫୨ ।

------------------------------

୪୩ {ଚାରିପାଖେ ଲମ୍ବନ୍ତି ମୁକୁତାର ହାର
{ଦେଖନ୍ତି ମଣିଗଣ ଯେ ମାଣିକ୍ୟ ଅପାର ।

୫୦ ।୨{ କି ଅବା ବାରସ୍ୱତୀ ତହିଂକି ଲାଗିଅଛି ।
{ କି ଅବା ବାରାନିଧି ତଥିକି ଲାଗିଅଛି ।

ଧୃତରାଷ୍ଟ ପୁଅଙ୍କୁ ମୋର ଅନେକ ରାଗ ଥିଲା
ୟେ ଦିବ୍ୟ ଭୁବନ ଦେଖନ୍ତେ ଦେବ ସମସ୍ତ ପାଶୋର ଗଲା ।୫୩ ।
ଯୁଝେଷ୍ଠି ବୋଇଲେ ଯେ ସେ ମୂର୍ଖ ପ୍ରାଣୀ
ପଣ୍ଡିତ କଥା ସେ ଯେ କେବେହେଂ ନ ଶୁଣି ।୫୪ ।
ଆପଣେ ବିଜେ କଲେ ଜଉ ଘରର ଭିତରେ
ପୁର ପରିମଳ ଜାଣନ୍ତି ପଞ୍ଚୁ ବୀରେ ।୫୫ ।
ଚନ୍ଦ୍ରଶାଳା ପୁରେ ଚଉଂରୀ ଭୁବନ
ଦକ୍ଷିଣ ଜଗତୀ ଯେ ନାନାବିଧ ରତ୍ନ ଚିହ୍ନ ।୫୬ ।
ମେଢକ ନିର୍ବାଣ ଯେ ଦେଖିଣ ତୋଷମତି

ବିଶ୍ୱେଶ୍ୱର ଆସନ କି ଅମର ବାରସ୍ୱତୀ ।୫୭ ।
ଭିତରେଣ ଥାଇ ଜଉ ଗୁଆଘୃତ ଛଣପଟ ଜଡି
ଉପରେ ସୁବର୍ଣ୍ଣ ରସାଣ ପତ୍ର ଅଷ୍ଟରତ୍ନେ ଖଞ୍ଜାଣି କରି ।୫୮ ।
ଦେଖନ୍ତି ସୁସଞ୍ଜ ଯେ ଅତ୍ୟନ୍ତ ଅମୂଲ୍ୟ
କୁବେର ଅଳକା ଭୁବନେ ଯେ ନୋହଇ ସମତୁଲ ।୫୯ ।
ପ୍ରତକ୍ଷେ ପରିମଳ ସେ ଦେବ ଭୁବନ ପ୍ରାୟେ
ଦେଖିଣ ପରମ ସାନନ୍ଦ ସେ ଧର୍ମର ତନୟେ ।୬୦ ।
ଯୁଝେଷ୍ଠି ବୋଇଲେ ହୋ ଆମ୍ଭେ ପଞ୍ଚୁ ଭ୍ରାଥେ
ଆମ୍ଭର ମାତା ଅଛନ୍ତି କୋନ୍ତ ଭୋଜର ଦୋହିତେ ।୬୧ ।
ୟେହେନେକ ପୁର ଯେ ନିର୍ବାଣ କଲା ଦ୍ରିଯୋଧନ
କାହାର ବିଚାରକୁ ୟେହା ଦିଶଇ କେସନ ।୬୨ ।
ମାୟେ ବୋଇଲେ ବାବୁ ୟେ ବଡ ସୁସଞ୍ଜ ପୁରୀ
ଦ୍ରିଯୋଧନ ବଡ ସଦଭାବେ ୟେହା ନିର୍ବାଣ କରି ।୬୩ ।
ତାହାର ହୃଦେ ଯେ ଆମ୍ଭଙ୍କୁ ନାହିଂ ପାପ ବାଧା
ମାନଗୋବିନ୍ଦ ୟେ ପୁର କରାଇଲା ବହିଣ ଶରଧା ।୬୪ ।
------------------------------
୫୫ ।୨ ପୁର ସୁସଞ୍ଜ ଦେଖି ବିଚାରନ୍ତି ପଞ୍ଚୁ ବୀରେ ।
{ ମେଢକ ନିର୍ବାଣ ପଛିମ ଦ୍ୱାର କତି ।
୫୭ ।୧ { ମେଢ ନିର୍ବାଣ ଆବର ଦକ୍ଷିଣ ଜଗତୀ ।

ଭୀମସେନ ବୋଇଲା ଦେବ ୟେ ଅତିଥି ସୁସଞ୍ଜ ପୁରୀ
ଅନେକ ପ୍ରିୟ ଭାବେ ୟେହା ନିର୍ବାଣିଲା ଦଣ୍ଡଧାରୀ ।୬୫ ।
ୟେବେ ସେ ଜାଣିଲି ଦ୍ରିଯୋଧନର ନିକଳଙ୍କ ହିୟା
ସୋଦ୍ରିମା ପଣ ଦେବ ପାଳିଲା କୁରୁନାହା ।୬୬ ।
ଅର୍ଜ୍ଜୁନ ବୋଇଲା ଦେବ ଦ୍ରିଯୋଧନ ଅଟଇ ଭଲ
ବଢିଲା ପିରତୀ ଦେବ ହୋଇଲା ସମତୁଲ ।୬୭ ।
ସୋଦ୍ରିମା ପଣ ଦେବ ଜାଣିମା କେମନ୍ତେ
ଭଲ ବାଞ୍ଛା କରଇ ଦେବ ତାହାର ହୃଦଗତେ ।୬୮ ।
ଅଭାବକୁ ଭାବ ଯେବେ କରନ୍ତି ଯେବଣ ପ୍ରାଣୀ
ସୁଜନ ସଙ୍ଗତରେ ତାହାନ୍ତଇଂ ଗଣି ।୬୯ ।
ସୋଦର ସୋଦ୍ରିମା ପଣ ଜାଣିମା କେମନ୍ତେ
ଧନ ପ୍ରାଣ ଭାରିଯା ଭାବଇ ହୃଦଗତେ ।୭୦ ।
ନକୁଳ ବୋଇଲା ଦେବ ତାର ନିକଳଙ୍କ ହିୟା
ତେଣୁ ସେ ଦ୍ରିଯୋଧନ ଆମ୍ଭଙ୍କୁ ଦେଲା ୟେହା ।୭୧ ।
ସେ ମଳା ଧାର୍ମିକ ବିବେକ ସୋଦ୍ରିମ
ଆମ୍ଭନ୍ତ ସମ୍ଭାଳିଲା ଅଟଇ ତାର ଧର୍ମ ।୭୨ ।
ସହଦେବ ବୋଇଲା ଦେବ ବଡ ସୁସଞ୍ଜ ପୁର
ଅତି ଅନନ୍ତ ଅଲେଖ ସେ କଣୟ ବିସ୍ତାର ।୭୩ ।
ଦ୍ରିଯୋଧନ ଆମ୍ଭଙ୍କୁ କାହିଂ ୟେତେକ ସୁହୃଦେ
କପଟ ପ୍ରାୟେ ଦେବ ବୁଝଇ ମୋହୋର ହୃଦେ ।୭୪ ।
ଯୁଝେଷ୍ଠି କୋଳ ଯେ କଲେ ସହଦେବଙ୍କୁ
ତୋହୋର ପ୍ରସାଦେ ବାବୁ କାରଣ ଅଛଇ ମୁକୁ ।୭୫ ।
ସହଦେବଙ୍କୁ ଘେନି ୟେକାନ୍ତ ହୋଇଲେ ଯୁଝେଷ୍ଠି ଦେବ
ବାବୁ କେମନ୍ତ କପଟ ରେ କହସି ସହଦେବ ।୭୬ ।

----------------------------
୭୨ ।୨ ଆମୃନ୍ତ ସମ୍ଭାଳିଲା ତାହାର ୟେମନ୍ତ ମହିମା ।
୭୩ ।୨ ଅଷ୍ଟରତ୍ନେ ଅଲେଖ ଦେବ ଅନେକ ବିସ୍ତାର ।
୭୫ ।୨ { ୟେତେକ ସୋହୋଦ୍ରେ ବାବୁ କାରଣ ଅଛଇ ମୁକୁ ।
{ ତୋହୋର ପ୍ରସାଦେ ବାବୁ ମୁକୁତ ଅଛଇ ମୁକୁ ।
୭୬ ।୨ ବାବୁ କେମନ୍ତ ଗୋପ୍ୟାନ କଥା କହସି ସହଦେବ ।

ସହଦେବ କହଇ ପୁରୋଚନ ନାମେ ଦ୍ୱିଜ
ତାହାର ଭିଆଣ ୟେ ଅଟି ଧର୍ମରାଜ ।୭୭ ।
ଜଉ ସଜଳସ ଛଣପଟ ଗୁଆଘୃତ ଭରି
ୟେହାର ସଂଯୋଗେଣ ଘର ନିର୍ବାଣ ଯେ କରି ।୭୮ ।
କାଛ ଚାଳୁ ରୁଅ ବତା ଆଦି କରି
ଜଉ ସଜଳସ ଗୁଆଘୃତେ ଜଡି ।୭୯ ।
ନିଦ୍ରା କାଳେ ୟେଥି ଲଗାଇବ ଜୁଇ
ୟେମନ୍ତ ଭିଆଣ କରିଅଛି କୁରୁସାଇଂ ।୮୦ ।
ୟୁଝେଷ୍ଟି ମନେ ମନେ ସୁମରନ୍ତି ଧର୍ମ ଧର୍ମ
ବାବୁ ଗୋପ୍ୟ କର ନି ୟେ କଥା ନ ଜାଣୁ ବୀର ଭୀମ ।୮୧ ।
ଜାଣିଲେ ୟେକ୍ଷଣି ଦ୍ୱନ୍ଦ ଯେ କରିବ ସାଂଗ୍ରାମ
ଦ୍ରିଯୋଧନ ଶତେ ଭାଇଙ୍କି ମାରିବ ଅତି ତମ ।୮୨ ।
ଧୃତରାଷ୍ଟ ପୁଅନ୍ତ ସେ ସବୁନ୍ତି ମାରିବ
ଅନ୍ଧରାଜା ଗୋଟି ଯେ ଅନାସ୍ତ ହୋଇବ ।୮୩ ।
ବାବୁ ସେ ଅବା କପଟ କଲା ନ ବିଚାରି
କେମନ୍ତେ ଧର୍ମେ ଆମ୍ଭେ ହୋଇବା ୟେଥୁଂ ପାରି ।୮୪ ।
ସହଦେବ ତୁନୀ ହୋଇଲେ ଯୁଝେଷ୍ଟିଙ୍କି ବଚନେ
ରହିଲେ ଜଗବନ୍ଧନ ବାରୁଣାବନ୍ତ ସ୍ଥାନେ ।୮୫ ।
ତ୍ରୀଡନ୍ତି ବିହଡନ୍ତି ଘୋର ବିପଟ ବନ ଭେଦି
ମାରନ୍ତି ବରେହା ହରିଣ ବାହୁଟିଆ ବନଚର ଖେଦି ।୮୬ ।
କୁତୁହୋଳେ ବେଣ୍ଟେ ବିହଡନ୍ତି କୁରୁଳି
ଯେସନେକେ ସିଂଘ ବନେ ନିର୍ଭୟେ ହୋଇ ଖେଳି ।୮୭ ।
ମୃଗ ବାହୁଟିଆ ଗଣ୍ଡା ଜୀବ ମାନ ଧରି
ଧୃତରାଷ୍ଟଙ୍କ କତିକି ଯାଆନ୍ତି ପକ୍ଷକେ ଦ୍ରଶନ କରି ।୮୮ ।
ପୁରୋଚନ ରାଇଣ ପଚାରଇ ଦ୍ରିଯୋଧନ
ପାଣ୍ଡଙ୍କର ମୃତୁକୁ ଅଛିଟିକି ବିଧାନ ।୮୯ ।
-------------------------
୮୭ ।୧ { କଉତୁକେ ବିନୋଦ କରନ୍ତି ପାଞ୍ଚ ଭାଇ ।
{ କୁତୁହୋଳେ ବନ ପର୍ବତ ଉଛୁଳି ।

ପୁରୋଚନ ବୋଇଲା ମୁଂ ଗଙ୍ଗାକୂଳୀୟା ଦ୍ୱିଜ
ଅଥର୍ବ ବେଦୀ ବ୍ରାହ୍ମଣ ମୁଂ ସମସ୍ତ ବିଦ୍ୟାରେ ଗ୍ରାହିଜ ।୯୦ ।
ଯେଉଣିସି ପ୍ରକାରେ ଯେ ନାଶିବା ଶ୍ରତ୍ରୁକୁ
ତହିଂକି ଅଧର୍ମ କିଛି ନାହିଂ ନା ତୁମ୍ଭଙ୍କୁ ।୯୧ ।
ବିଷ ୟୋଗାଡେକ ୟେବେ ଭିଆଇବି ମୁହିଂ
ଭୀମାକୁ ପରଷିବା ଭାବେଣ ଭୁଞ୍ଜାଇ ।୯୨ ।
ଶୁଣି କରି ହରଷ ହୋଇଲା ଦ୍ରିଯୋଧନ

ବେଗ କରି ୟେହା କର ହୋ ବ୍ରାହ୍ମଣ ।୯୩ ।
ରାଇଜ୍ୟକୁ ରୁହାଇବୁ ତୋହୋର ବୁଦ୍ଧିମତେ
ପ୍ରଥମେ ୟେ କଥା ହୋ କର ଯଥା ଅର୍ଥେ ।୯୪ ।
ୟେଥୁ ଅନ୍ତେ ସଞ୍ଜୟେ ବିଦୁର ଭୂରିସର୍ବା ଭୀଷ୍ମ ସହିତ
କର୍ଣ୍ଣ ଅଶସ୍ତମା ଶଲ୍ୟ ଶକ୍କୁନି କୃପ ମାନନ୍ତ ।୯୫ ।
ୟେହାନ୍ତ ବସାଇଣ ସେ ଯେ ଭାଳନ୍ତି ଧୃତରାଷ୍ଟ
ରାଜ୍ୟକଇଂ ଅଯୋଗ୍ୟ ମୁଂ ନୟନ ମୋର ଭ୍ରଷ୍ଟ ।୯୬ ।
ବ୍ୟାସେ ଦୁର୍ଭାସା ଅନୁରାଗେଣ କରି
ପୁଅନ୍ତ ପାଇଲି ମୁଂ କ୍ଷତ୍ରିୟ ଦୁର୍ଭାରି ।୯୭ ।
ପୁଅ ଗୋଟିୟେ ଅଭିଷେକ କରାଇବି ରାଜ୍ୟକୁ
ଧର୍ମ ସରୂପ ବିଚାରି କହିବ ଜାଣ ମୁକୁ ।୯୮ ।
ଭୟ ଉପ୍ରୋଧ ଦୁହିଙ୍କି କର ତୁମ୍ଭେ ପରିତେଜ୍ୟା
ୟେ ପଞ୍ଚୁ ରାଜ୍ୟକୁ ହୋ କେହୁ ହୋଇବ ମହାରାଜା ।୯୯ ।
ଶୁଣିଣ ସମସ୍ତ ଯୋଧାୟେ ହୋଇଲେକ ତୁଷ୍ଟୀ
ଭୂରିସର୍ବାୟେ ବୋଇଲେ ଶୁଣ ଧୃତରାଷ୍ଟି ।୧୦୦ ।

-----------------------------

୯୫ ।୨ ୟେହାନ୍ତ ଘେନିଣ ଭାଲଇ କୁରୁନାଥେ ।
୯୬ ।୨ ରାଜ୍ୟକଇଂ ଅଯୋଗ୍ୟ ମୁଂ ନୟନ ମୋର ଭ୍ରଷ୍ଟ ।

ଧୃତରାଷ୍ଟ ବୋଇଲେ କିଛିହିଂ ନାହିଂ କୋପ
ୟେସନେକେ ବହୁତ ବିଚାରକୁ ଆସଇ ସରୂପ ।୧୦୨ ।
ଆହୋ ସବୁନ୍ତି ବସାଇ ବଦୟନ୍ତି ସୋମବଂଶୀ ଜ୍ୟେଷ୍ଠ ଭୂରିସର୍ବା
ଆମ୍ଭର ବିଚାରକୁ ଯୋଗାଇ ଯୁଝେଷ୍ଠିଙ୍କି ରାଜ୍ୟ ଦେବା ।୧୦୩ ।
ଯାହାର ବଚନକୁ ଭଜଇ ସଂସାର
ତାହାକଇ ଆସଇ ଯେ ଯୁଗତେ ରାଜ୍ୟ ଭାର ।୧୦୪ ।
ଆମ୍ଭନ୍ତ ଘେନି ଯେବେ ଭାଳିଲୁ କୁରୁନାଥ
ଆମ୍ଭର ବିଚାରକୁ ଯେ ଯୋଗାଇ ୟେମନ୍ତ ।୧୦୫ ।
ଯୁଝେଷ୍ଠି ଥିଲେ ତୋହୋର ଦ୍ରିଯୋଧନ ନାହଇ ରାଜା
ଯୁଝେଷ୍ଠିଙ୍କି ଭଜଇ ସଂସାର ଜନ ପ୍ରଜା ।୧୦୬ ।
ଅଳପ ଦୋଷେ ଯେବେ ବହୁତ କରଇ କୋପ
ଦୁର୍ଭାର ଭାର ସେ ଜାଣ କିସ କରିବ ନୃପ ।୧୦୭ ।
ପ୍ରତଗ୍ୟାଂ ଦର୍ପେ ଅବା ଦ୍ରିଯୋଧନକଇଂ କରିବୁ ତୁ ରାଜା
ଅନେକ ଦେଶ ଭାଙ୍ଗିବ ଯେ ପଳାଇବେ ଜନ ପ୍ରଜା ।୧୦୮ ।
ଜ୍ୟେଷ୍ଠ ପୁତ୍ର ଥାଉଂ କନିଷ୍ଠ ପୁତ୍ର ନୋହଇ ରାଜ୍ୟ ନୃପା
ଅଦଛ ପୁତ୍ର କି ସେ ତାହାକୁ ଭାଙ୍ଗିବୁ ତୁ ତାହାର ବାପ ।୧୦୯ ।
ଯୁଝେଷ୍ଠିଙ୍କି ରାଜ୍ୟ ଦିଲେ ୟେ ୟେକ ରାଜ୍ୟ ହୋଇବ
ନିର୍ଦ୍ୱନ୍ଦ ହୋଇଣ ସୁବିଧାନେ ଦିନ ଯିବ ।୧୧୦ ।
ତୁ ଅବା ବେଳେ ଆମ୍ଭର ବୋଲ ଭାଙ୍ଗିବୁ ଧୃତରାଷ୍ଟ
ଆପଣେ ଛତ୍ର ଉଡାଇ ବସିବ ସେହୁ ପାଟ ।୧୧୧ ।
ୟେକା ରାଇଜେ ହୋ ଦୁଇଦଣ୍ଡ ହୋଇଲେ
ଅନେକ ଦ୍ୱନ୍ଦ ହୋଇବ ଦିନ ନ ଯିବଟି ଭଲେ ।୧୧୨ ।

--------------------------

୧୦୨ ।୧ ଧୃତରାଷ୍ଟ ବୋଇଲେ କିଛିହିଂ ନାହିଂ ଦୋଷ ।
୧୦୨ ।୨ ୟେସନେକ ବିଚାର ତୁମ୍ଭଙ୍କୁ ଦିଶଇ ତ ।
୧୦୭ { ଦୁର୍ଭାର ଅପାଳକ ସେ ଅଟେ କିସ ନୃପ ।

{ ଦୁର୍ଭାର ଅଗ୍ନି ଯେସନେକେ ସେହି ସରୂପ ।
୧୦୯ ।୨ ଅଦଛ–ଅଦକ୍ଷ, ଅକୁଶଳ ।

ତୋତେ ସେ ରାଇଜ ପଦ ଦିଲେ ଶାୟେନ୍ତନୁର ତନୁ
ବଳେ ତୋର ରାଜ୍ୟ ଘେନିଲାଟି କାଳ ଯେ ଦମନୁ ।୧୧୩ ।
ପଳାଇ ପଶିଲୁ ଯାଇ ତୁ ଶତଶିଂଗ ପର୍ବତେ
ମାଡିଣ ବସିଲା ରାଜ୍ୟ ଦମନ ପଞ୍ଚଇ ପ୍ରଶସ୍ତେ ।୧୧୪ ।
ପଣ୍ଡୁ ଯେ ସେ ବେଳେ ତପସ୍ୟାୟେ ହୋଇଥିଲେ ଅଗ୍ନିୟାନ
ରାଜ୍ୟ ସୁଖେ ଭୋଗ କଲା କାଳ ଯେ ଦମନ ।୧୧୫ ।
ପଞ୍ଚଦଶ ବରଷ ଯହୁଂ ପଣ୍ଡୁର ସପୂର୍ଣ୍ଣ ହୋଇଲା
ଭାଗ୍ୟବର ତୋଷି ଅନେକ ବିଦ୍ୟା ସାଧ୍ୟ କଲା ।୧୧୬ ।
କାଳଦମନର ତୁଲେ ଅନେକ ଘୋର ଯୁଦ୍ଧ
ପଣ୍ଡୁ ତାହାଙ୍କୁ ଜିଣିଲା ତେତିଶ ଦିନର ମଧ୍ୟ ।୧୧୭ ।
ଚଉବିଂଶ କ୍ଷେଉଣୀ ଯେ ଦମନର ଥାଠ
ପଣ୍ଡୁର ଶର ଘାତେ ସେ ହୋଇଲେ ମୁଣ୍ଡ କାଟ ।୧୧୮ ।
ପଞ୍ଚ ପୁରୁଷ ଘେନି ସେ ରାଜ୍ୟେ ବସିଥିଲା
ପଣ୍ଡୁର ବିଘାତେ ତାର ବଂଶ ନାଶ ଗଲା ।୧୧୯ ।
ତୋତେ ବସାଇଲା ଆଣି ହସ୍ତିନା ଭୁବନେ
ତୋତେ ସଂପଦ ଦେଇଣ ସେ ପଶିଲା ଘୋର ବନେ ।୧୨୦ ।
ପଣ୍ଡୁର ଅର୍ଜିଲାର ୟେ ଅଟଇ ପଞ୍ଚୁ ରାଜ୍ୟଇ
ତାହାର ପୁତ୍ରକଇଂ ସେ ସଂସାର ଯୋଗାଇ ।୧୨୧ ।
ତୁ ଅବା ୟେ କଥା ହୋ ରାଜା କରିବୁ ଗୁପତ
ସେ ଜାଣି ଅଛନ୍ତି ଯେ ସମସ୍ତ ତଦନ୍ତ ।୧୨୨ ।
---------------------------

୧୧୫ ପଦ ପରେ ଭିନ୍ନ ପାଠ:-
ପଣ୍ଡୁ ସେ ବେଳରେ ତପେ ହୋଇଥିଲେ ମଗ୍ନ
ପଞ୍ଚଦଶ ବରଷରେ ହୁଅନ୍ତେ ତପ ପୂର୍ଣ୍ଣ ।
ଭାଗ୍ୟବର ତୋଷି ବିଦ୍ୟା ଅନେକ ପାଇଲା
କାଳଦମନର ତୁଲେ ଘୋର ଯୁଦ୍ଧ କଲା ।
ପଣ୍ଡୁରାଜା ଜାଣଇ ଯେ ଶବଦ ଭେଦୀ ବାଣ
ତେଇଶି ଦିନରେ ଶତ୍ରୁବଳ ହୋଇଲା କ୍ଷୀଣ ।
୧୨୧ ।୨ ପଣ୍ଡୁର ପୁତ୍ରକୁ ସଂସାର ଜନ ଯେ ଭଜଇ ।

ଯୁଝେଷ୍ଠି ଥିଲେ ତୋତେ ରାଜ୍ୟଭାର ନାହିଂ
ଯେଥି ମଧ୍ୟେ ଯୁଝେଷ୍ଠିଙ୍କି ସମାର୍ଜି ପାର ଯେବେ ଧର୍ମ କଥା କହି ।୧୨୩ ।
ବିଦୁରେ ବୋଇଲେ ଯୁଝେଷ୍ଠି ହୋଇବେ ଯେବେ ଶାନ୍ତି
ଭୀମ ଅର୍ଜ୍ଜୁନ କିଂପେ ଭଜିବେ ତ୍ରିପୁତି ।୧୨୪ ।
ଶଙ୍କୁନି ବୋଇଲା ମୋର କଥାୟେ ଅଛଇ
ପଣ୍ଡୁର ପଞ୍ଚୁ ପୁତ୍ରକୁ ଯେବେ ନିଶେଷ କରି ମାରଇଂ ।୧୨୫ ।
ତେବେ ସେ ଦ୍ରିଯୋଧନ ୟେ ରାଜ୍ୟେ ହେବ ରାଜା
ସୁଖେ ଭୋଗ୍ୟ କରିବ ରାଜ୍ୟ ଜନ ପ୍ରଜା ।୧୨୬ ।
ଧର୍ମ ଧର୍ମ ସୁମରି ସମସ୍ତେ ସଭାରୁ ଗଲେ ଉଠି
ପାଣ୍ଡବନ୍ତ ମାରିବାକୁ ବୁଦ୍ଧିୟେ କରଇ ଧୃତରାଷ୍ଟି ।୧୨୭ ।
କୁଟ କପଟ ଭିଆଉଅଛନ୍ତି ଶଙ୍କୁନି ପୁରୋଚନ

କର୍ଣ୍ଣ ଧୂ ଶାସନ ଶତେ ଭାଇ ଦ୍ରିଯୋଧନ ।୧୨୮ ।
ବିଷ ଲଡୁର ଯୋଗାଡ ଯେ ଭିଆନ୍ତି ମନେ ଭାଳି
ଧର୍ମ ତେଜ୍ୟା କଲେ ଯେ ଅସତ୍ୟ ପ୍ରତିପାଲି ।୧୨୯ ।
ମନେଣ ବିଚାରନ୍ତି ସେ ଧୃତରାଷ୍ଟ ରାୟେ
କେବଣ ବୁଦ୍ଧି ଯେବେ କରିବା ଉପାୟେ ।୧୩୦ ।
ୟେତୁ ଅନ୍ତରେ ସେ ପଣ୍ଡୁର କୁମରେ
ଭ୍ରମନ୍ତି ମୃଗୟା ବିନୋଦେ ପଞ୍ଚୁ ବୀରେ ।୧୩୧ ।
ଗଣ୍ଡା ଗୋଟିୟେ ମାଇଲେକ ଘୋର ବନେ
ଯୁଝେଷ୍ଠି ବୋଇଲେ ରେ ଶୁଣ ଭୀମସେନେ ।୧୩୨ ।
ଅପୂର୍ବ ପଦାର୍ଥ ୟେ ନିଅ ହସ୍ତିନାକୁ
ଗଣ୍ଡା ଗୋଟି ନେଇ ଦେଇ ଆସ ଧୃତରାଷ୍ଟ ରାଜାଙ୍କୁ ।୧୩୩ ।
ଯୁଝେଷ୍ଠିଙ୍କର ବଚନେ ସେ ପବନର ଶିଷି
ଗଣ୍ଡା ଗୋଟି ଘେନି ସେ ହସ୍ତିନାକୁ ଆସି ।୧୩୪ ।
ଧୃତରାଷ୍ଟ ସଂଜୟେ ବିଦୁର କୃପ ଅଶସ୍ତମା
ୟେହାନ୍ତ ଘେନି ଭାଳଇ କ୍ଷତ୍ରିୟ ମହାତମା ।୧୩୫ ।
ଧୃତରାଷ୍ଟ ବୋଇଲେ ନ ଭାଞ୍ଜ ତୁମ୍ଭେ ମୋତେ
ତ୍ରେତୟା ଯୁଗେ କେମନ୍ତେ କଲେ ଦଶରଥେ ।୧୩୬ ।

ଶ୍ରୀରୀମଚନ୍ଦ୍ର ଯେ ଅଟନ୍ତି ଜ୍ୟେଷ୍ଠ ପୁତ୍ର
ତାହାଙ୍କୁ ଛାଡି ରାଜ୍ୟ ଦିଲାକ ଭରଥ ।୧୩୭ ।
ବିଦୁରେ ବୋଇଲେ ସେ ଖଳ ବଚନେ ୟେମନ୍ତ କଲା
ଭ୍ରଥ ରାଜା ନୋହିଲା ଆପଣେ ନାଶ ଗଲା ।୧୩୮ ।
ବିଦୁରେ ବୋଇଲେ ତୁ ନ ଭାଳ ନି ୟୋମାନ
ମନ୍ଦବୁଦ୍ଧି ଭାଳିଣ ପୁଅନ୍ତ କରୁଛୁ ଅନ୍ୟୋଅନ୍ୟ ।୧୩୯ ।
ଆପଣେ କଷ୍ଟି ହୋଇ ମରିବୁ ବଂଶହିଂ ନାଶ ଯିବ
ତୋହୋର ବୁଦ୍ଧିବଳେ ଭ୍ରଥ ୟେମନ୍ତ ହୋଇବ ।୧୪୦ ।
ୟେମନ୍ତ ଭାଳେଣି ତହିଂ ହୋଇବାର ସମୟେ
ଗଣ୍ଡାଗୋଟି ଘେନି ଭୀମସେନ ପ୍ରବେଶ ଆସି ହୋୟେ ।୧୪୧ ।
ବିଦୁରେ ବୋଇଲେ ତାତ ନ ଧର କିଂପା ସୀମା
ଗଣ୍ଡା ଗୋଟି ଘେନି ଦ୍ରଶନ କଲା ଭୀମା ।୧୪୨ ।
ୟେମନ୍ତ ଭଗତି ତୋତେ ହେଉଛନ୍ତି ପୁତ୍ରେ
ୟୋହାକୁ ପାପ ଚିନ୍ତ ତୁ ଧରିବୁ କେମନ୍ତେ ।୧୪୩ ।
ଭଗତି ଲୋକଙ୍କୁ ଯେ ଧରଇ ପାପ କଥା
ଆପଣେହିଂ ନାଶ ଯାଆନ୍ତି ପାପେ ବୁଡନ୍ତି ସର୍ବଥା ।୧୪୪ ।
ୟେ କଥା ମାନ ଯେବେ ମିଥ୍ୟାଟି ହୋଇବ
ୟେ ସଂସାର ଜନ ଆଉ କେମନ୍ତେ ବ୍ରତିବ ।୧୪୫ ।
ପୂର୍ବର ପାତକେଣ ୟେବେ ହୋଇଲୁ ହୀନ ଚକ୍ଷୁ
ୟେ ଜନ୍ମେ ପୁଣି ପରେ ପ୍ରମାଦ ଚିନ୍ତୁଅଛୁଂ ।୧୪୬ ।
ୟେମନ୍ତ ପାତକ କଲେ ଉଫରକୁ ନାହିଂ ତ ସଦଗତି
ନର୍କ ହିଂ ସେ ଅଛିଟି ତୋତେ ନାଶକର ଶାସ୍ତି ।୧୪୭ ।
ବିଦୁର ବଚନେ ଅନ୍ଧ ଉଠିଲା ସିର ଝୁଣି
ଖଣ୍ଡା ୟେକ ଘେନି ଆସଇ ବିଦୁରକୁ ହାମି ।୧୪୮ ।
କୋଳ କରି ଧଇଲେ ସେ ଅଶସ୍ତମା କୃପେ
ରହ ରହ ନୃପତି କିଂପେ ୟେତେକ ପରିତାପେ ।୧୪୯ ।
ଉଠିଣ ବିଦୁର ଯେ ଗଲେକ ନିଜ ସ୍ଥାନେ

ବୋଇଲେ ବଂଶ ନାଶ କଲୁ ତୋହୋର ମନ୍ଦ ଗ୍ୟାନ ।୧୫୦ ।
ଭୀମସେନକୁ କୋଳ କରି ଧଇଲେ ନିକଟେ
ମୁଖେ ଚୁମ୍ବନ ଦେଇ ବଦୟନ୍ତି ଧୃତରାଷ୍ଟ୍ରେ ।୧୫୧ ।
ବାବୁ ତୁ ଯାଇ କହିବୁ ଯୁଝେଷ୍ଠିଙ୍କ ଆଗର
ସୋଦରେ ଅନ୍ୟୋଅନ୍ୟ କରାଅଛି ବିଦୁର ।୧୫୨ ।
ତାହାର ବଚନକୁ କେହି ନ ଯିବଟି ବିଶ୍ୱାସ
ନାରଖାର ଭିଆଇ ସେ ସବୁନ୍ତି କରିବଟି ନାଶ ।୧୫୩ ।
ଧୃତରାଷ୍ଟ୍ର ବୋଇଲେ ଦ୍ରିଯୋଧନକୁ ରାଇ
ଭୀମସେନକୁ ଘେନି ଭୁଞ୍ଜି ବସ ସବୁ ଭାଇ ।୧୫୪ ।
ପିତାର ବଚନେ ଦ୍ରିଯୋଧନ ଭୀମକୁ କୋଳ କରି
ସରୋବରେ ପଶି ସ୍ନାହାନ ବେଗେ ସାରି ।୧୫୫ ।
ଠାବ ସଜାଡିଣ ରାଇଲେ ପୁରୋଚନ
ଭୀମାକୁ ପାଶେ ଘେନି ବସିଲେ ଦ୍ରିଯୋଧନ ।୧୫୬ ।
ଡାହାଣେ ଦ୍ରିଯୋଧନ ବାମେ ଧୁଶାସନ
ମଧ୍ୟରେ ବସାଇଲେ ଯେ ପବନ ନନ୍ଦନ ।୧୫୭ ।
ରତ୍ନଝରିରେ ଦିଲେକ ସୁବାସିତ ପାଣି
ସୁବର୍ଣ୍ଣ ପଇଲମ ଯେ ଛାମୁରେ ଦିଲେ ଆଣି ।୧୫୮ ।
ପରଶଇ ଅନ୍ନ ଯେ ବିପ୍ର ସୁବର୍ଣ୍ଣ ପାତ୍ର ଘେନି
ଚିନ୍ତୁ ଅଛି ପ୍ରମାଦ ସେ ବିପ୍ର ଯେ ଅଗ୍ୟାନୀ ।୧୫୯ ।
ଭୋଜନେ ଅତ୍ରିପୁତି ସେ ପବନର ବଳଆ
ଭୁଞ୍ଜଇ ବ୍ରିକୋଦର ସେ ଆହାରେ ମତି ଭୋଳା ।୧୬୦ ।
ଦୁଦୁରା ମଞ୍ଜି ଗଞ୍ଜାଇ ଶାକାର ମିଶାଇ ଭରି
ମାଛରେ ମିଶାଇଲା ତାହା ରାନ୍ଧିଲା ଯତ୍ନ କରି ।୧୬୧ ।
ଉପରେ ଭଲ ଥିଲା ତାହା ଦ୍ରିଯୋଧନକୁ ଦିଲା
ତଳେ ଜତି ବିଷମାନ ତାହା ଭୀମସେନକୁ ପରଶିଲା ।୧୬୨ ।
ମଧୁର ସୁଆଦରେ ତାହା ଭୁଞ୍ଜଇ ମାରୁତି
ଜାଇଫଳ ଗରଳ ମିଶାଇ ଦେଲା ଖଣ୍ଡ ପଣା କତି ।୧୬୩ ।
------------------------------
୧୫୩ ।୨ କ୍ଷୀର ଖାର ମିଶାଇ ସେ ବୁଲନ୍ତି କରିବଟି ନାଶ ।

ଦ୍ରିଯୋଧନ ବୋଇଲା ମୋତେ ଶୋଷ ନାହିଂ
ଭୀମସେନ କତିକି ସେ ଦିଲାକ ବଢାଇ ।୧୬୪ ।
ସୁଖେଣ ପିଅଇ ସେ ପାଣ୍ଡବ ସୁନ୍ଦର
ଦୁଗୁଣ ଘାରିଲା ବିଷ ମଧୁର ଆହାର ।୧୬୫ ।
ଅଧାମ ଭିତରେ ଲାଇଲା ଅଛି ମହୁରା ସିଂଘଡା ଜାତି
ତହୁଂ କପୋରାୟେ ଦିଲା ସେ ଭୀମସେନ କତି ।୧୬୬ ।
ଖଣ୍ଡ ଶାକର ଯେ ମେଦିଲା ଅଛି ତହିଂ
ଭୁଞ୍ଜଇ ବ୍ରିକୋଦର ମନେଣ ହରଷ ପାଇଂ ।୧୬୭ ।
ଭୋଜନ ଅନ୍ତେ ନେଇ ପରଶିଲେ ବିଷ ଲଡୁ
ଅହିବ୍ରତେକ ଲଡୁ ତା ଗ୍ରାସ ବଢୁ ।୧୬୮ ।
ଲଡୁର ସୁସ୍ୱାଦେ ଯେ ଅତି ଉପମା ଦେଖି
ଗୋଟାୟେ ଗୋଟାୟେ କରି ଭୁଞ୍ଜଇ ନୟନ ନିରେଖି ।୧୬୯ ।
ଗଞ୍ଜାଇ ଫଳ ଦୁଦୁରା ଫଳରେ କାକରା
ଆବର ମିଶ୍ରିତ ତହିଂ ସିଂଘଡା ଜାତି ମହୁରା ।୧୭୦ ।
କାଳସର୍ପର ବିଷ ଲଡୁରେ ସେ ଭରି

ଯେହାକୁ ଭକ୍ଷିଣ ବ୍ରିକୋଦର ପ୍ରାଣ ହାରି ।୧୭୧ ।
ଲାଗିଲା ବିଷ ଯେ ପଡିଲା ଅଚେତେ
ମଧୁର ରସ ପାଇ ସେ ବିଷ ଖେପିଲା ନିଜ ଗାତ୍ରେ ।୧୭୨ ।
ଭୁଞ୍ଜ ଭୁଞ୍ଜୁଣ ଢଳି ପଡିଲା ବୀର ଭୀମ
ସେହିଠାରେ ଲୋଟି ସେ ହୋଇଲା ଅସାକ୍ଷମ ।୧୭୩ ।
ଥାନମାନ ନିଷ୍ଚଳ ନ ବହଇ ପବନ
ଛାଡିଲା ପଞ୍ଚଭୂତ ହୋଇଲା ଅଚେବନ ।୧୭୪ ।
ଆଦିତ୍ୟ ଅସ୍ତ ଯହୁଂ ଗଲେ ପଶ୍ଚିମ ଦିଗ ଭାଗେ
ରାତ୍ର ଅଧ ଆସି ଯେ ହୋଇଲା ନିଶା ଯୋଗେ ।୧୭୫ ।
ଧୂଶାସନ ଦୁର୍ଜୟେ ଦୁର୍ବିନ୍ଦ ଦୁରାଷ୍ଟ
ଭୀମକୁ ଧରିନେଇ ପକାଇଲେ ଜଳ ଘାଟ ।୧୭୬ ।
---------------------------
୧୬୬ ।୨ ତହୁଂ ଚତରାୟେ ଦିଲା ସେ ଭୀମସେନ କତି ।
୧୬୬ ।୨ ଲଇଲା-ଗୃହୀତ ।

ଯମୁନା ନଦୀରେ ଯେ ଥାଆନ୍ତି ନାଗେଣୀ
ଭୀମସେନକୁ ବାନ୍ଧିନେଇ ମେଳିଲେ ତହିଂ ପାଣି ।୧୭୭ ।
ଯେହି ଜଳ ମଧ୍ୟେ ନାଗୁଣୀ ୟାକୁ ଖାଉ
କୁରୁବୀର ମାନଙ୍କର ଆପଦ ଆଝୁଂ ଯାଉ ।୧୭୮ ।
ଯେତେ ବୋଲି ଚାରିହେଂ ଅଇଲେ ପକାଇ
ଭୀମକଇଂ ମାରି ସ୍ୱସ୍ଥ ହୋଇଲେ କୁରୁସାଇଂ ।୧୭୯ ।
ଶୁଣ ବଇବସୁତ ମନୁ ବଦୟନ୍ତି ଅଗସ୍ତି
ଧର୍ମ ଥିଲା ପ୍ରାଣୀକି ନ ଆସେ ପାପ କତି ।୧୮୦ ।
ଅନନ୍ତ ନାଗର ଦୁହିତା ବେଲାବାଳୀ
ପଦ୍ମେକ ନାଗେଣୀ ଘେନି ସେ କରଇ ଜଳକେଳି ।୧୮୧ ।
ନାଗେଣୀ ବଳ ଘେନିଳ ସେ ଖେଡ ଖେଡନ୍ତି ଜଳେ
ପଦ୍ମ ବିଙ୍ଗସିତ ଯେ ଶିଶିର ଋତୁ କାଳେ ।୧୮୨ ।
ମାଗେମୀ ବିଚାରନ୍ତି ଯେତ ବଡାଇ ଅପୂର୍ବ
ଶିଶିରେ ସୁଲଭ ତ ବସନ୍ତ ପଲ୍ଲବ ।୧୮୩ ।
କାଲି ତ କିଛିହିଂ ନ ଥିଲା ଯେହୁ ଜଳେ
ଅଦଭୁତେ ହୋଇ ବିଙ୍ଗସିତ କମଳେ ।୧୮୪ ।
ଦେଖନ୍ତି ଗୋଟାୟେ କିସ ଅପୁରୁବ
ଲୋଡନ୍ତେ ଦେଖିଲେ ସେ ସୁନ୍ଦର ମୃତୁ ଶବ ।୧୮୫ ।
ଅତି ସୁକୁମାର ସୁସଞ୍ଚ ତାହାର କାୟେ
ରାତ୍ରକାଳେ ଦିଶଇ ଶରଦ ଚନ୍ଦ୍ରମାର ପ୍ରାୟେ ।୧୮୬ ।
ଦେଖିଣ କୋଳ କରି ଧଇଲା ବେଲାବାଳୀ
ଯେ ପୁରକ୍ଷ ଅଟଇ ମୋ ମନର ହିଆଳି ।୧୮୭ ।
କୋଳ କରି ନାଗେଣୀ ଯେ ବୁଡାଇଲେ ତାହାକୁ
ଘେନି ଗଲେ ସୁନ୍ଦରୀ ସେ ପାତାଳ ଭୁବନକୁ ।୧୮୮ ।
ଛାମୁରେ ନେଇ ଦିଲେ ଅନନ୍ତ ନାଗରାଜା
ବିଚାରଇ ଅନନ୍ତ କେବଣ ଦିଗପାଳ ଆତ୍ମଜା ।୧୮୯ ।
-----------------------------
୧୮୬ ।୨ ରାତ୍ରକାଳେ ଦିଶଇ ଶରଦ ଆଦିତ୍ୟର ପ୍ରାୟେ ।

ଅମୃତ ଦିଲା ଆଣି ବ୍ରିକୋଦର ମୁଖେ

ନବ ଶସ୍ତ୍ର ନାଗର ବଳ ହୋଇ ଉଠିଲା ପ୍ରତକ୍ଷେ ।୧୯୦ ।
ସାଷ୍ଟମ ହୋଇ ବୀର ଚାହଇଂ ଚଉକତି
ଦେଖଇ ଜଳଭୁବନ ପୂରି ଅଛଇ ଅପ୍ରମିତି ।୧୯୧ ।
ଚଉକତିକି ଚାହିଂ ମନରେ ବିଚାରି
ମୁହିଂ ତ ପଡିଲି ଆସି ଜଳ ଭୁବନ ଅନ୍ଧାର ପୁରୀ ।୧୯୨ ।
କେ ମୋତେ ଆଣି ୟେଥେ କଲାକ କପଟେ
ଅଗାଦ ଜଳ ଭୁବନ ୟେଥୁଂ ମୁ ଯିବି କେବଣ ଘାଟେ ।୧୯୩ ।
ୟେ ନାଗେଣୀ ବଳମାନଙ୍କୁ ପକଇବି ମାରି
ଯିବାକଇଂ ବାଟ ନାହିଂ ୟେ ଜଳ ଅନ୍ଧାରପୁରୀ ।୧୯୪ ।
ପୁଣି ବିଚାରଇ ୟେହାଙ୍କର ତୁଲେ ହୋଇବି ପୀରତି
ଭାବ ବଢାଇଲେ ମୋତେ ସେ ଅଛଇ ସଦଗତି ।୧୯୫ ।
ଭୀମସେନ ବୋଇଲା ତୁମ୍ଭେ ଶୁଣ ଗୋ ନାଗେଣୀ
ମୁ ହିଂ ୟେ ମାନୁଷ କେହୁ ମୋତେ ୟେଥକୁ ଆଣି ।୧୯୬ ।
ଭୀମସେନର ବଚନେ ସେ ଅନନ୍ତ ଦୁଲାଳୀ
ଭୀମକୁ କୋଳ କରିଣ ସେ ବୋଇଲା ବେଲାବାଳୀ ।୧୯୭ ।
ଅନନ୍ତ ନାଗ ଦୁହିତା ଆମ୍ଭେ ଜଳଭୁବନ ବାସୀ
ସନ୍ଧ୍ୟାବାଳୀ ବେଲାବାଳୀ ବିଝଂବାଳୀ ଉଦାସୀ ।୧୯୮ ।
ୟେ ଚାରି କନ୍ୟାୟେ ଆମ୍ଭେ ଅନନ୍ତ ଦୁଲାଳୀ
ଯମୁନା ଜଳ ଗଭୀର ଯୋଜନ ସହସ୍ର ଯେ ଚାରି ।୧୯୯ ।
କ୍ରୀଡା ରଙ୍ଗ କରନ୍ତେ ଭେଟିଲୁ ତୁକୁ ଯାଇଂ
ମୃତୁ ପିଣ୍ଡ ଗୋଟି ଯେ ତୁ ଥିଲୁ ଉପୁଚିଆଇଂ ।୨୦୦ ।
ଦ୍ରିଯୋଧନ ତୋତେ ଯେ ଭୁଞ୍ଜାଇଣ ନେଲା
କପଟ କୂଟ କରିଣ ସେ ତୋତେ ବିଷଲଡୁ ଦିଲା ।୨୦୧ ।
ଲୁବୁଧେ ଖାଇଣ ତୁ ପଡିଲୁ ଅଚେତନେ
ଅଗାଦ ଜଳେ ତୋତେ ପକାଇଲେ କୁରୁବୀରମାନେ ।୨୦୦୨ ।

-----------------------------------

୨୦୨ ।୧ ଲୁବୁଧେ-ଲୋଭରେ ।

ଆମ୍ଭେ ଭେଟିଲୁ ତୋତେ ତ୍ରୀଡାରଙ୍ଗ ବେଳେ
ଅନନ୍ତ ନାଗ ଛାମୁକୁ ତୋତେ ଆଣିଲୁ ପାତାଳେ ।୨୦୩ ।
ଅମୃତ ଦେଇଂଣ ତୋତେ ଜିଆଇଂଲେ ଆମ୍ଭ ତାତ
ତୁ ୟେବେ ମାରିଣ ଲୋଡୁଅଛୁ ଯେ ଆମୃନ୍ତ ।୨୦୪ ।
ପରକୁ ଉପଗାର କଲେ କି ଆପଣେ ନାଶ ଯିବା
ଲେଞ୍ଚ ଲୋକଙ୍କୁ ହୋ ଉପଗାର ନ କରିବା ।୨୦୫ ।
ନାଗେଣୀର ବଚନେ ଭୀମସେନ ପରମ ଶାନ୍ତି
ଛାଡିଲା କୋପଭର ବତାଇଲା ପୀରତି ।୨୦୬ ।
ଅନନ୍ତ ବିଜେ କଲେ ଭୀମସେନର ସନ୍ନିଧାନେ
ପବନର ନନ୍ଦନ ଦେଖି ସାନନ୍ଦ ପଞ୍ଚୁ ମନେ ।୨୦୭ ।
ବାବୁ ତୁ ଯେ ସୋମବଂଶୀ ଅଟୁ ମହାବଳୀ
ମୋହୋର ଦୋହିରା ତୋତେ ପ୍ରଦାନ କରିବ ବେଲାବାଳୀ ।୨୦୮ ।
ବୋଲଇ ମାରୁତି ତୋର ଯେହ୍ନେକ ବିଚାରଇ
ମୋହୋର ବେଳେ କି ତାହା ନାସ୍ତି କରି ପାରଇ ।୨୦୯ ।
ଯାଚିଲାର କନ୍ୟା ଯେ ପାଚିଲାର ଅନ୍ନ
ୟେହା ଉପେକ୍ଷିଲେ ନାଶ ଯାଇ ଧର୍ମ ।୨୧୦ ।
ଅମୃତ ଯୋଗେ ସେ ସୀଉକାର କରି ନାଗରାୟେ
ବେଲାବାଳୀ କନ୍ୟାକୁ ଭୀମସେନକୁ ପ୍ରଦାନ କୟେ ।୧୧୧ ।

ନାଗେଣୀ ପ୍ରଦାନ କରି ସେ ଅନନ୍ତ ନାଗରାଜା
ଅନେକ ସମ୍ମୃରେ ଭୀମସେନକୁ କଲା ପୂଜା ।୧୧୨ ।
ପୁରୁଷ ବଶ ବିଦ୍ୟା ସେ ଜାଣଇ ନାଗେଣୀ
ଭାବେ ବଶ୍ୟ ହୋଇଲା ସେ କାଳଦଣ୍ଡ ପାଣି ।୨୧୩ ।
ଅନନ୍ତ ବୋଇଲା ମୁ ଅପୂର୍ବ ଦେବଇଂ କିସ
ଯଉତୁକ ଦିଲା ଅମୃତ କୁମ୍ଭ ବିଶେଷ ।୨୧୪ ।

---------------------------

୨୦୩ ।୨ ଦେଖିଣ ସନ୍ତୋଷ ହୋଇଲୁ ତୋତେ ଭଗତି କୁତୂହୋଳେ
୨୧୩ ।୨ ଭାବେ ଭଗତି ହୋଇଲେ ଅନନ୍ତ ନୃପମଣି ।
୨୧୪ ।୨ ଅମୃତ ନବ କୁଣ୍ଡ ସେ ଆଣି ଦିଲା ସନ୍ତୋଷେ ।
୨୦୫ ।୨ ଲେଞ୍ଚ-ନୀଚ ।

ବିଚାରଇ ଭୀମସେନ ୟେହା କାହିଂ ଥୋଇବି
ପିଣ୍ଡ ତ୍ରିପୁତି ହେବ ମୁଂ ୟେହା ଆହାର କରିବି ।୨୧୫ ।
ନବ ନିଶ୍ୱାସକେ ନବ କୁଣ୍ଡ ପିଇଲା
ଆହୁରି ନବ ସହସ୍ର ନାଗର ବଳ ହୋଇଲା ।୨୧୬ ।
ୟେକେ ମହାବଳୀ ପବନ ତନୟେ
ଅମୃତ ଖାଇ ତାର ଅବଳ ବଳ କାୟେ ।୨୧୭ ।
ପାତାଳେ ରହିଲା ବୀର ନାଗେଣୀ ରଙ୍ଗ ରସେ
ପାଶୋରିଲା ସୋହୋଦ୍ରନ୍ତ ସୁରତି ମୁହାଂସେ ।୨୧୮ ।
ୟୁଝେଷ୍ଠି ଦେବ ପଚାରନ୍ତି ଅର୍ଜୁନକୁ ହକାରି
ଭୀମା ଗଣ୍ଡା ଘେନିଗଲା ହସ୍ତିନା ରାଜ୍ୟ ପୁରୀ ।୨୧୯ ।
ନବ ଦିବସ ହୋଇଲା ନ ଆସିଲା ଆଜକୁ
କେମନ୍ତେ ଭୀମସେନ ମୂର୍ଚ୍ଛିଲା ଆମ୍ଭଙ୍କୁ ।୨୨୦ ।
କୋଇନ୍ତାୟେ ବୋଇଲେ ସେ ଦ୍ରିଯୋଧନର ମେଳ ପାଇଂ
ଖେଡ କଉତୁକେ ଯେ ଅଛଇ ତହିଂ ରହିଂ ।୨୨୧ ।
କୋଇନ୍ତାଙ୍କର ବଚନେ ସେ ପୁଣ ଛତ ଦିବସ ଗଲା
ଷୋଳ ଦିବସ ହୋଇଲା ବାରତା ନୋହିଲା ।୨୨୨ ।
ୟୁଝେଷ୍ଠି ଅର୍ଜୁନ ଗଲେ ଭୀମସେନକୁ ଲୋଡି
ପ୍ରବେଶ ହୋଇଲେ ଯାଇଂ ହସ୍ତିନା ନଗ୍ର ପୁରୀ ।୨୨୩ ।
ଧୃତରାଷ୍ଟଙ୍କ ପାଦତଳେ ହୁଅନ୍ତି ପରିଣାମି
ଭୀମ ଯେ ଅଇଲା, କେଣେ ଅଛି ସ୍ୱାମୀ ।୨୨୪ ।
ଧୃତରାଷ୍ଟ ବୋଇଲେ ସେ ଅଇଲା ଯେବଣ ଦିନ
ଗଣ୍ଡା ଗୋଟି ଦେଇଗଲା ୟେଥେ ନ କଲା ଭୋଜନ ।୨୨୫ ।
ତଷଣେ ଗଲା ସେ ନ ରହିଲା ୟେଥ
ଶୁଣିଣ ଆଶ୍ରିଜ ହୋଇଲେ ଧର୍ମସୁତ ।୨୨୬ ।
ଦ୍ରିଯୋଧନ ଧୁଶାସନ ଶଙ୍କୁନି କୃପ କର୍ଣ୍ଣକୁ
ଜଣେ ଜଣେ ପୁଛା କରନ୍ତି ଦେଖିଲା କି ଭୀମକୁ ।୨୨୭ ।

---------------------------

୨୧୮ ।୨ { ପାଶୋରିଲା ସୋଦରନ୍ତ କନ୍ୟା ଅଭିଳାଷେ ।
{ ପାଶୋରିଲା ସୋଦରନ୍ତ ନାଗେଣୀର ବିଶ୍ୱାସେ ।

ସମସ୍ତେ ବୋଇଲେ ଆମ୍ଭର ଦେଖିଲା ତ ନାହିଂ
ପଞ୍ଚୁ କଟକେ ଲୋଡନ୍ତି ମହା କ୍ରୋଧ ହୋଇ ।୨୨୮ ।
କୋଇନ୍ତାଙ୍କର ଅଗ୍ରତେ ପୁଛା କଲେ ଚଉଭ୍ରାଥେ
ଭୀମାକୁ ଲୋଡି ଗୋ ନ ପାଇଲୁ ପଞ୍ଚୁ କଟକ ପ୍ରଶସ୍ତେ ।୨୨୯ ।

ୟେମନ୍ତେ ପାଣ୍ଡବେ ହୋଅନ୍ତି ବିକଳ
ସବୁଙ୍କରି ନୟନୁଂ ବହେ ଅଶ୍ରୁଜଳ ।୨୩୦।
ବଦୟନ୍ତି ଅଗସ୍ତି ଶୁଣ ବଇବସୁତ ମନୁ
ପାଣ୍ଡବଙ୍କୁ ମନ୍ଦ ୟେକା ଧୃତରାଷ୍ଟ ଗ୍ୟାନୁ ।୨୩୧ ।
ଶୁଣିଣ ବିଷାଦ କୋନ୍ତଭୋଜର କୁମାରୀ
କେଣେ ଗଲୁ ଦୁଖୀର ସଂଘାତ ଆମ୍ଭଙ୍କୁ ଛାଡି କରି ।୨୩୨ ।
ଧର୍ମରାଜା ବୋଇଲେ ମାତା ଗୋ ନୋହସି ବିଷାଦ ମନେ
ଭୀମସେନକୁ ଲୋଡି ନ ପାଇଲୁ ଜୀବନେ ।୨୩୩ ।
କୋଇନ୍ତାଏ ବୋଇଲେ ବନ କନ୍ଦର ଦେଶେ
ସଙ୍ଗତ ହୋଇ ଲୋଡୁଥିବ ନ ଜାଣିମେ ରାକ୍ଷସେ ।୨୩୪-୬୦୬୪ ।

******************

---

୨୨୯ ପଦ ପରେ ମୁଦ୍ରିତ ପୁସ୍ତକରେ ଅଧିକା ପାଠ-
ନ କହି କେଣିକି ଗଲୁ ଆରେ ଭୀମସେନ
କପଟେ ମାଇଲେ ଅବା ଗାନ୍ଧାରୀ ନନ୍ଦନ ।
ତୋହୋର ବିହୁନେ ବାବୁ ସକଳ ଅନ୍ଧାର
ୟେମନ୍ତ କରନ୍ତେ ଶୋକ ଚାରି ସହୋଦର ।
ବୋଇଲେ ଯାଉଛୁ ମାତ ଖୋଜିବାକୁ ପୁଣି
ଭୀମ ବିହୁନେ ମରିବା ଆମ୍ଭେ ପାଞ୍ଚ ପ୍ରାଣୀ ।
ବୋଇଲେ କୁନ୍ତୀ ତୁମ୍ଭଙ୍କୁ ରଖୁ ବାସୁଦେବ
ଶ୍ରୀକୃଷ୍ଣ ସୁମରି ବାବୁ ଯାଅ ୟେଥୁଂ ଜବ ।
ଶ୍ରୀହରୀ ଶ୍ରୀହରୀ ସ୍ମରି ଗଲେ ଚାରି ଭାଇ
ଶାରଳା ଦାସ ସାରଳା ପାଦପଦ୍ମ ଧ୍ୟାୟି ।